# Akashvani, Sambalpur

# SAMBALPURI NEWS MORNING BULLETIN

## 15 February 2026 - 6.47- 6.52 am.

---

ରାଜ୍ୟ କେବିନେଟ୍ ବୈଠକ୍            ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ୩୬ ନମ୍ବର୍ ରାଜ୍ୟ କେବିନେଟ୍ର ବୈଠକ୍ ହେଇଯାଇଛେ । ବୈଠକ୍ଥି ମୋଟ୍ ୫ ଟା ପ୍ରସ୍ତାବ୍ ପାରିତ୍ ହେଇଥିବାର୍ ବେଲେ ସେଥିର୍ଭିତ୍ରୁ ଗୁଟେ ପ୍ରସ୍ତାବ୍ ୨୦୨୬ -୨୭ ବଜେଟ୍ ବାବଦ୍ ଥିଲା । ରାଜ୍ୟ ଶ୍ରମ ଆଉ କର୍ମଚାରୀ ବୀମା ବିଭାଗ୍ ଆଡୁ ଗୁଟେ ଆଉ ଜଲ୍ସମ୍ପଦ୍ ବିଭାଗ୍ ଆଡୁ ୩ ଟା ପ୍ରସ୍ତାବ୍ ପାରିତ୍ ହେଇଛେ । ବୈଠକ୍ ଉତ୍ରୁ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ସୂଚ୍ନା ଦେଇକରି କହିଛନ୍, ଜଲ୍ସମ୍ପଦ୍ ବିଭାଗ୍ର ସମନ୍ୱିତ ଆନନ୍ଦପୁର୍ ବେରେଜ୍ ପ୍ରକଳ୍ପର୍ ୩ ଟା ପେକେଜ୍କେ କେବିନେଟ୍ର ମଞ୍ଜୁରୀ ମିଲିଛେ । ଇତାର୍ସହେତେ

ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜ୍ନା ରେଡ଼ିଓଗ୍ରାଫର୍ ସେବା ନିୟମ୍ ୨୦୨୬କେ ଅନୁମୋଦନ୍ ଦିଆଯାଇଛେ ।

ଚିଠା ବଜେଟ୍ ପ୍ରସ୍ତାବ ଆର୍ଏନ୍ୟୁ/ ସମ୍ବଲପୁର

୨୦୨୬-୨୭ ଚିଠା ବଜେଟ୍ ପ୍ରସ୍ତାବ୍କେ ଗଲାକାଏଲ୍ ରାଜ୍ୟ ମନ୍ତ୍ରୀମଣ୍ଡଲ୍ ତର୍ଫୁ ଅନୁମୋଦନ୍ କରାଯାଇଛେ । ମିଲିଥିବା ସୂଚ୍ନା ଅନ୍ସାରେ ମୋଟ୍ ଖର୍ଚ୍ଚା ୩ ଲାଖ୍ ୧୫ ହଜାର୍ କୋଟି ଟଙ୍କା ତକ୍ ହେଇପାରେ । ଆଏବା ୨୦ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍ସଭା ନ ୨୦୨୬ -୨୭ ଆର୍ଥିକ୍ ବଛର୍ ଲାଗି ରାଜ୍ୟ ବଜେଟ୍ ଉପସ୍ଥାପନ୍ କର୍ବେ ।

ଅପରେସନ୍ ସାଇବର୍ କବଚ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସାଇବର୍ ସୁରକ୍ଷାକେ ଆହୁରି ବର୍କସ୍ କର୍ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍ଫୁ ଗୁଟେ ଖାସ୍ ଅଭିଯାନ୍ ଅପରେସନ୍ ସାଇବର୍ କବଚ ମୁଲ୍ ହେଇଛେ । ବେନାମୀ ବେଙ୍କ୍ ଏକାଉଂଟ୍, ଜାଲ୍

ସିମ୍‌କାର୍ଡ଼ ଆଉ ସାଇବର୍ ଅପରାଧ୍ ନେଟ୍‌ୱର୍କ ବିରୋଧ୍‌ଥି ଇ ଅଭିଯାନ୍ ଜରିଏ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯାଉଛେ । ଇ ଅଭିଯାନ୍ ଆଏବା ଫେବୃଆରୀ ୨୭ ତାରିଖ୍‌ତକ୍ ଚାଲ୍‌ବା ।

ମହାଶିବରାତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଫଗୁନ୍ ମାସର୍ ଅନ୍ଧାର୍ ପଖର୍ ଚତୁର୍ଦ୍ଦଶୀ ତିଥିଥି ସାରା ରାଏଜେ ଆଏଜ୍ ମହାଶିବରାତ୍ରୀ ପାଲନ୍ କରାଯାଉଛେ । ଶ୍ରଦ୍ଧାଳୁମାନେ ଉପାସ୍ କରି କରି ପହ ପହନୁ ଶୈବ ପୀଠମାନ୍‌କେ ଜଳାଭିଷେକ କରୁଛନ୍ । ପଶ୍ଚିମଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ନ ଶ୍ରଦ୍ଧାଳୁ ମାନ୍‌କର୍ ଜବର୍ ଭିଡ଼୍ ହେଇଛେ ।
ପୁରୀ ଶ୍ରୀ ଲୋକ୍‌ନାଥ ଦେବଙ୍କର୍ ପୀଠ ନ ରାତିର୍ ୧୨ ବଜେ ଦୁଆରଫିଟା ନୀତି ହେବାର୍ ଉତ୍‌ରୁ ମଙ୍ଗଲ୍ ଆଲ୍‌ତୀ, ମଇଲମ ଆର୍ ଅବକାଶ ବାଗିର୍ ନୀତିକାନ୍ତି ସରିକରି ପହପହ ୩ ବଜେନୁ ସର୍ବସାଧାରଣ୍‌ଙ୍କର୍ ଦର୍ଶନ୍ ମୁଲ୍ ହେଇଛେ ।

ହାପ୍ ମାରାଥନ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ହୀରାକୁଦ୍ ଡାଇକ୍ ଇଲାକା ନ ଆଏଜ୍ ଅନ୍ତର୍ଜାତୀୟ ହାପ୍ ମାରାଥନ୍‌ର ଆୟୋଜନ୍ କରାଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ମାରାଥନ୍‌ର ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍‌ମନ୍ତ୍ରୀ ରବିନାରାୟଣ ନାଏକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଉପସ୍ଥିତ୍ ଅଛନ୍ । ଗଣଦୌଡ଼୍‌ଥି ଭାରତ୍ ସହେତେ କେନିଆ, ଶ୍ରୀଲଙ୍କା ବାଗିର୍ ଭିନ୍ ଭିନ୍ ଦେଶର୍ ନାଁକରା ଧାବକ୍‌ମାନ୍‌କର୍ ସହେତେ ୧୦ ହଜାର୍‌ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଛନ୍ ।

ପାରା ବେଡ଼୍‌ମିଂଟନ୍ ବିଶ୍ୱ ଚାମ୍ପିଅନ୍‌ସିପ    ଆର୍‌ଏନ୍‌ୟୁ/ ସମ୍ବଲପୁର

ବାହାରିନ୍‌ର ମାନାମା ଠାନେ ହେଇଥିବା ବି.ଡବ୍ଲୁ.ଏଫ୍. ପାରା ବେଡ଼୍‌ମିଂଟନ୍ ବିଶ୍ୱ ଚାମ୍ପିଅନ୍‌ସିପ୍‌ଥି ଓଡ଼ିଶାର୍ ପ୍ରମୋଦ୍ ଭଗତ୍ ୨ ଟା ସ୍ୱର୍ଣ୍ଣପଦକ୍ ଜିତିଛନ୍ । ସେ ପୁରୁଷ ସିଙ୍ଗଲ୍‌ସ୍ ଆଉ ଡବଲ୍ସ ବିଭାଗ୍‌ଥି ଚମ୍ପିଆନ୍ ହେଇକରି ରାଜ୍ୟ ଆଉ ଦେଶ୍ ଲାଗି ଗୌରବ୍ ଆନିଛନ୍ ।

ଆଇସିସି ଟି-ଟ୍ୱେଂଟି        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଟି-ଟ୍ୱେଣ୍ଟି ପୁରୁଷ ବିଶ୍ୱକପ୍ ଥି ଆଏଜ୍ ଭାରତ୍ ଆଉ ପାକିସ୍ତାନ୍ ଭିତ୍‌ରେ ମେଚ୍ ଖେଲାଯିବା । ଶ୍ରୀଲଙ୍କାର୍ କଲମ୍ବୋ ଠାନେ ବେଲ୍‌ବୁଢ଼ର ୭ ବଜେ ଖେଲ୍ ମୁଲ୍ ହେବା ।